# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 4 October - 2023

# ବିଧାନସଭା- ମୁଲତବୀ

ବିଧାନସଭାର ମୌସୁମୀ ଅଧିବେଶନ ଗତକାଲି ଶେଷ ହୋଇଛି । ଚଳିତ ଆର୍ଥିକ ବର୍ଷ ପାଇଁ ୨୮ ହଜାର ୨ଶହ କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବଜେଟ୍ ଗୃହରେ ପାରିତ ହେବା ପରେ, ନିର୍ଦ୍ଧାରିତ ସମୟର ଗୋଟିଏ ଦିନ ପୂର୍ବରୁ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ରଖିଛନ୍ତି । ଚଳିତ ମୌସୁମୀ ଅଧିବେଶନର ମୋଟ୍ ୭ଟି କାର୍ଯ୍ୟଦିବସରେ ୧୩ଟି ବିଧେୟକ ପାରିତ ହୋଇଥିବା ବେଳେ ଗୃହରେ ୩ଟି ଅଧ୍ୟାଦେଶ ଆଗତ ହୋଇଛି  ଏବଂ ୪ଟି ବିବୃତ୍ତି ଗୃହରେ ରଖାଯାଇଛି ।  ଅଧିବେଶନ ସମୟରେ ୮ଟି ତାରକା ପ୍ରଶ୍ନର ଉତ୍ତର ଗୃହରେ ରଖାଯାଇଥିଲା ଓ ୭୮ଟି ବାର୍ଷିକ ରିପୋର୍ଟ ଏବଂ ୫ଟି କମିଟି ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଥିଲା ।

# ହାତୀ ଓ ବାଘ ସଂଖ୍ୟା

ରାଜ୍ୟରେ ୧ ହଜାର ୯୭୬ ହାତୀ ଏବଂ ୭୮୦ଟି ବାଘ ଅଛନ୍ତି ବୋଲି ଜଙ୍ଗଲ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଗତକାଲି ବିଧାନସଭାରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମୋଟ୍ ହାତୀସଂଖ୍ୟା ଭିତରୁ ୩୩୦ଟି ହାତୀ ଶିମିଳିପାଳ ଅଭୟାରଣ୍ୟରେ ଥିବା ଜଣାପଡ଼ିଛି । ବାଘ ଗଣନା

ରିପୋର୍ଟ ଅନୁସାରେ ରାଜ୍ୟରେ ୨୦ଟି ମହାବଳ ବାଘ ଏବଂ ବାକି ୭୬୦ଟି କଲରାପତରିଆ ବାଘ ଅଛନ୍ତି ।

## ହାଇକୋର୍ଟ-ମୁଖ୍ୟ କାର୍ଯ୍ୟକାରୀ ବିଚାରପତି

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଆଜି ଦାୟିତ୍ୱ ଗ୍ରହଣ କରିବେ । ମୁଖ୍ୟ ବିଚାରପତି ଥିବା ଜଷ୍ଟିସ୍ ସୁବାଶିଷ ତଲାପତ୍ର ଗତକାଲି ଅବସର ନେଇଛନ୍ତି । ୫୭ ଦିନ ଜଷ୍ଟିସ୍ ତଲାପତ୍ର ଓଡ଼ିଶା ହାଇକୋର୍ଟର ମୁଖ୍ୟବିଚାରପତି ଥିଲେ ।

## ଯାଜପୁର-ଡାକ୍ତରଖାନା

ରାଜ୍ୟ ସରକାର ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶଯ୍ୟା ସଂଖ୍ୟା ୩୩୦ରୁ ୪୨୦କୁ ବୃଦ୍ଧି କରିଛନ୍ତି । ଆସନ୍ତାବର୍ଷ ଯାଜପୁର ମେଡ଼ିକାଲ କଲେଜରେ ଏମ୍.ବି.ବି.ଏସ୍. ପାଠ୍ୟକ୍ରମରେ ନାମ ଲେଖା ଲାଗି ସମୟ ଧାର୍ଯ୍ୟ କରାଯାଇଛି । ମେଡ଼ିକାଲ କଲେଜ ଏବଂ ଜିଲ୍ଲାରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଲାଗି ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି ।

## +୨ ତୃତୀୟ ପର୍ଯ୍ୟାୟ ନାମଲେଖା

ରାଜ୍ୟର ବିଭିନ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଖାଲି ପଡ଼ିଥିବା ସିଟ୍ ଗୁଡ଼ିକରେ ଆଜିଠାରୁ ତୃତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ହେବ । ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ବିଜ୍ଞପ୍ତି ଅନୁସାରେ ଛାତ୍ରଛାତ୍ରୀମାନେ ଆଜିଠାରୁ ୮ ତାରିଖ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ । ସୂଚନା

ଅନୁସାରେ ରାଜ୍ୟର ବିଭିନ୍ନ କଲେଜରେ ପ୍ରାୟ ୧ ଲକ୍ଷ ୧୦ ହଜାର ଯୁକ୍ତ ଦୁଇ ସିଟ୍ ଖାଲିପଡ଼ିଥିବା ଜଣାପଡ଼ିଛି ।

# ନିର୍ବାଚନ

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଏନ୍.ଏ.ସି. ଅଧ୍ୟକ୍ଷ ପଦ ପାଇଁ ଆଜି ସାନି ମତଦାନ ହେବ । ମତଦାନ ପ୍ରକ୍ରିୟାକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ସକାଳ ୧୦ଟାରୁ ୧୧ଟା ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ ପରେ ପ୍ରାର୍ଥିପତ୍ର ଯାଞ୍ଚ ଓ ପ୍ରତ୍ୟାହାର କାର୍ଯ୍ୟସୂଚୀ ରହିଛି । ଏକାଧିକ ପ୍ରାର୍ଥୀ ରହିଲେ ଦିନ ସାଢ଼େ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀ ଏବଂ ସାନଖେମୁଣ୍ଡି ବିଡ଼ିଓ ସୂଚନା ଦେଇଛନ୍ତି ।

# ଆମ ହସ୍ପିଟାଲ ଯୋଜନା

ରାଜ୍ୟ ସରକାର 'ଆମ ହସ୍ପିଟାଲ' ଯୋଜନା ସବୁ ଡାକ୍ତରଖାନାକୁ ସଂପ୍ରସାରିତ କରିଛନ୍ତି । ଆସନ୍ତା ୪ ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହି ଯୋଜନାରେ ସାମିଲ ହେବେ । ବିଭିନ୍ନ ପର୍ଯ୍ୟାୟରେ ଏହିସବୁ ହସ୍ପିଟାଲ ଗୁଡ଼ିକର ନବୀକରଣ ଏବଂ ରୂପାନ୍ତରଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି ।

# ଜାଗା ମିଶନ

ରାଜ୍ୟ ସରକାରଙ୍କ ଜାଗା ମିଶନ ଜରିଆରେ ସହରାଞ୍ଚଳରେ ବାସ କରୁଥିବା ୨ ଲକ୍ଷ ପରିବାର ଉପକୃତ ହୋଇଛନ୍ତି ବୋଲି ଗତକାଲି ବିଧାନସଭାରେ ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି । ରାଜ୍ୟର ବିଜ୍ଞାପିତ ଅଞ୍ଚଳ ପରିଷଦରେ ସର୍ବାଧିକ ୬୬୪ ବର୍ଗଫୁଟ ଏବଂ ପୌରପରିଷଦ ଏବଂ ମହାନଗର ଅଞ୍ଚଳରେ ସର୍ବାଧିକ ୪୪୮ ବର୍ଗଫୁଟ ଜାଗାରେ ଘର କରିବା ଲାଗି ଏହି ଯୋଜନାରେ ସରକାର ଭୂମିହୀନ ଏବଂ ବସ୍ତିବାସିନ୍ଦାଙ୍କୁ ଯୋଗାଇ ଦେଉଛନ୍ତି ।

# ୟୁନିଟ୍-୧ ହାଟ

ଭୁବନେଶ୍ୱରର ୟୁନିଟ୍-୧ ନମ୍ବର ହାଟ ଆଜିଠାରୁ ଖୋଲିଛି । ବିଭିନ୍ନ ସମସ୍ୟା ନେଇ ଗତ ୫ ଦିନ ଧରି ଏହା ବନ୍ଦ ଥିଲା । ୟୁନିଟ୍-୧ ହାଟର କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ବିଧାୟକ ଏବଂ ପ୍ରଶାସନର ଆଲୋଚନା ପରେ ଏହା ଆଜିଠାରୁ ଖୋଲିଛି ।

# ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲ

ଅନୁଗୁଳ, କେନ୍ଦୁଝର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ମଲ୍‌ଟି ସ୍ପେଶାଲିଟି ଚିକିତ୍ସା ଉପଲବ୍ଧ ହେବ । ସେହିପରି ଝାରସୁଗୁଡ଼ାଠାରେ ୧୨୦ ଶଯ୍ୟା ବିଶିଷ୍ଟ କ୍ୟାନ୍‌ସର ଯତ୍ନ ସୁପର ସ୍ପେଶାଲିଟି ହସ୍ପିଟାଲ୍‌ରେ ଅତ୍ୟାଧୁନିକ ଏବଂ ଗୁଣାତ୍ମକ ଚିକିତ୍ସା

ମିଳିପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଆଜି ଏ ସଂପର୍କରେ ଲୋକସେବା ଭବନରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ଜଣାପଡ଼ିଛି ।